## ରାଜଭବନର ୩ ବରିଷ୍ଠ କର୍ମଚାରୀଙ୍କ ଅବସର ଗ୍ରହଣ

**ଭୁବନେଶ୍ୱର,(ବ୍ୟୁରୋ):** ରାଜଭବନର ୩ ଜଣ ବରିଷ୍ଠ କର୍ମଚାରୀ ଗୁରୁବାର ଚାକିରିରୁ ଅବସର ନେଇଛନ୍ତି। ସେମାନେ ହେଲେ ଏଡିସି କୈଳାସ ବିହାରୀ ନାୟକ, କନିଷ୍ଠ ନିୟନ୍ତ୍ରକ ମାନସ କୁମାର ମହାରଣା ଏବଂ ସେକ୍ସନ ଅଫିସର ସହଦେବ ଦାଶ। ରାଜଭବନରେ ମୋଟ ୧୮୧ଟି ମଞ୍ଜୁରପ୍ରାପ୍ତ ପଦବୀ ରହିଛି। ସେଥିରୁ ୩୦ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

# ରେଳମନ୍ତ୍ରୀଙ୍କ ଦ୍ୱାରା ୩ ନୂତନ ବିଲ୍ଡିଂ ଉଦ୍‌ଘାଟିତ

**ଜଟଣୀ,୩୦।୬(ଡି.ଏନ୍.ଏ.)**

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୭ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ନୂତନ ବିଲ୍ଡିଂକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାଏଙ୍କ ସମେତ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶରତ କୁମାର ଶ୍ରୀବାସ୍ତବ ମଞ୍ଚାସୀନ ଥିଲେ। ରେଳ ମହାପ୍ରବନ୍ଧକ ଶ୍ରୀବାସ୍ତବ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶାରେ ରେଳ




ଖୋର୍ଦ୍ଧା ରେଳଷ୍ଟେଶନର ନୂତନ ବିଲ୍ଡିଂ ଉଦ୍‌ଘାଟନ ଅବସରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଓ ଅନ୍ୟମାନେ।

ପ୍ରକଳ୍ପର ଅଗ୍ରଗତି ପୂର୍ବ ଭାରତର ବିକାଶ ଜ୍ୱଳନ୍ତ ପ୍ରତିଫଳନ ବୋଲି ପ୍ରଧାନ କହିଥିଲେ। ଏଥିସହ ଭିଡିଓ କନଫରେନ୍ସ ମାଧ୍ୟମରେ ପାଟିଆ ପିଏଚ ଏବଂ ବାଣୀବିହାର ପାସେଞ୍ଜର ହଲ୍ଟ(ପିଏଚ୍)ର ନୂତନ ବିଲ୍ଡିଂକୁ କେନ୍ଦ୍ର ରେଳମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୂରୋନ୍ତ ଏକ୍ସପ୍ରେସ ଏଲଏଚବି ରେକ୍, ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସର ଏଲଏଚବି ରେକକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜଟଣୀ ୟୁଥ ଫେଡେରେଶନ ଓ ପୌର ପରିଷଦ ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ନାମକୁ ଜଟଣୀ ରେଳ ଷ୍ଟେଶନ ନାମରେ ନାମିତ କରାଯିବା ଲାଗି କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ୨୦ବର୍ଷରେ ୪ଗୁଣ ବଢ଼ିଛି ମାଛ ଉତ୍ପାଦନ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

ବିଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ମାଛ ଉତ୍ପାଦନ ପ୍ରାୟ ୪ ଗୁଣ ବୃଦ୍ଧି ପାଇ ୯.୯୧ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି। ଏଥିସହ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ତେବେ ମାଛର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ବିପୁଳ ଜଳ ସମ୍ପଦକୁ ବ୍ୟବହାର କରି ମାଛ ଉତ୍ପାଦନ ଆହୁରି ବହୁଗୁଣ ବୃଦ୍ଧି କରିହେବ। ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଆୟ ବୃଦ୍ଧି କରିବା ନିମନ୍ତେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ହାରକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର କୃଷି ଭବନଠାରେ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ହୋଇଥିବା ସମୀକ୍ଷା ବୈଠକରେ ମନ୍ତ୍ରୀ ମାଛଚାଷ ନିମନ୍ତେ ମାଛଚାଷୀଙ୍କୁ ଆଗୁଆ ପର୍ଯ୍ୟାପ୍ତ ପରିମାଣର ଉନ୍ନତ ମାନର ମାଛ ଜାଆଁଳ ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ୋଶୀ ରାଜ୍ୟରୁ ଯେପରି ନିମ୍ନ ମାନର ମାଛ ଯାଆଁଳ ରାଜ୍ୟକୁ ନ ଆସେ ସେଥି ନିମନ୍ତେ ରାଜ୍ୟରେ ଆଗୁଆ ମାଛ ଜାଆଁଳ ଉତ୍ପାଦନ ଓ ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସ୍ୱାଭିମାନ ଅଞ୍ଚଳରେ ଲୋକଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ଓ ରୂପାନ୍ତରଣ ନିମନ୍ତେ ମତ୍ସ୍ୟ ବିଭାଗର ଯୋଜନାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା, ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଲାଗି ବ୍ୟବହୃତ ଟ୍ରଲର ଏବଂ ଯନ୍ତ୍ରଚାଳିତ ଡଙ୍ଗାର ଏକ ଡାଟାବେସ୍ ପ୍ରସ୍ତୁତ କରିବା ସହ ଆବଶ୍ୟକ ଭିତ୍ତିଭୂମିର ନିର୍ମାଣ ଓ ବିକାଶ କାର୍ଯ୍ୟ ଧାର୍ଯ୍ୟ ସମୟରେ ସାରିବାକୁ ମନ୍ତ୍ରୀ କହିଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ଆର୍. ରଘୁପ୍ରସାଦ କ୍ଷେତ୍ର ସ୍ତରରେ ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମତ୍ସ୍ୟ ପୋଖରୀ ଯୋଜନା, ବାୟୋଫ୍ଲକ୍ ଓ କେଜ୍ କଲଚର୍ ମାଛଚାଷ, ଭିତ୍ତିଭୂମିର ନିର୍ମାଣ, ଖାରିପାଣି ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଆଦି ଉପରେ ସମୀକ୍ଷା କରାଯାଇଥିଲା। ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଯୋଜନା ସମ୍ପର୍କରେ ତଥ୍ୟ ରଖିଥିଲେ।

## ଶ୍ରୀବାଣୀକ୍ଷେତ୍ର: ଅପରାହ୍ନ ୪ଟା ୩୦ରେ ରଥଟଣା

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

ରଥଯାତ୍ରା ପାଇଁ କିସ୍ ଶ୍ରୀବାଣୀ କ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଛି। ନୀତି ନିର୍ଘଣ୍ଟ ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ପହଣ୍ଡି ବିଜେ, ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଛେରାପହଁରା ଓ ୪ଟା ୩୦ରେ ରଥଟଣା ଆରମ୍ଭ ହେବ ବୋଲି ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ମହାନଦୀକୁ ଡେଇଁଲେ ଯୁବତୀ

**ବାରଙ୍ଗ,୩୦।୬(ଡି.ଏନ୍.ଏ.):** ମୁଣ୍ଡଳି ବ୍ୟାରେଜ ନିକଟରେ ଗୁରୁବାର ଜଣେ ଯୁବତୀ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ହେଲେ ସୁରକ୍ଷିତ ଭାବେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ତେବେ ଆତ୍ମହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ସନ୍ଧ୍ୟାରେ ମତ୍ସ୍ୟଜୀବୀମାନେ ମାଛ ମାରି ଫେରୁଥିବା ବେଳେ ନଦୀକୁ କେହି ଜଣେ ଡେଇଁବାର ଦେଖିବାକୁ ପାଇଥିଲେ। ପରେ ସେମାନେ ଯୁବତୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। କେତେଜଣ ମତ୍ସ୍ୟଜୀବୀ ବ୍ରିଜ ଉପରେ ଥିବା ଏକ ସୁଇସାଇଡ ନୋଟକୁ ଦେଖିବା ପରେ ଗୋଡିସାହି ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଉକ୍ତ ସୁସାଇଡାଲ ନୋଟରେ ଯୁବତୀଙ୍କ ଘର ଭଦ୍ରକ ଜିଲାରେ ବୋଲି ଜଣାପଡ଼ିଛି। ପୋଲିସ ପହଞ୍ଚିବା ପରେ ସୁଇସାଇଡ ନୋଟକୁ ହସ୍ତାନ୍ତର କରିଥିଲେ।







# ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର,୩୦।୬(ବ୍ୟୁରୋ)**

ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ ୩୯ବର୍ଷରେ ପଦାର୍ପଣ କରିଛି। ସମାଜରେ ଆଧ୍ୟାତ୍ମିକ ଓ ନୈତିକ ମୂଲ୍ୟବୋଧର ଦ୍ରୁତ ଅବକ୍ଷୟ ଚାଲିଥିବାବେଳେ ସେବା ଓ ପ୍ରେମକୁ ଆଧାର କରି ଗଢ଼ି ଉଠିଥିବା ଏହି ବିଦ୍ୟାଳୟ ନୈତିକ ମୂଲ୍ୟବୋଧକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛି ବୋଲି ଗୁରୁବାର ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ. ସବିତା ଆଚାର୍ଯ୍ୟ, ଅରୂପ ପଟ୍ଟନାୟକ, ରାଜୀବ ଶେଖର ସାହୁ, ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ସମ୍ପାଦକ ସ୍ୱାମୀ ଜଗନ୍ନାଥ ନନ୍ଦ, ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଉପସ୍ଥିତ ଥିଲେ।







### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ଶାଖା ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନା କେନ୍ଦ୍ରର ୧୫ତମ ବାର୍ଷିକ ଉତ୍ସବ, ଫରେଷ୍ଟ ପାର୍କ, ସକାଳ ୫ଟା ୩୦।
- ରଥଯାତ୍ରା ଉପଲକ୍ଷେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପଥପ୍ରାନ୍ତ ସେବା ଏବଂ ବୃକ୍ଷ ରୋପଣ, ଟଙ୍କପାଣି ସାଇ ମନ୍ଦିର ଛକ, ସକାଳ ୭ଟା ୩୦।
- ଭିଏସ୍ଏସ୍ ନଗରବାସୀଙ୍କ ପ୍ରତିବାଦ ସଭା, ବୀର ସୁରେନ୍ଦ୍ର ସାଏ ନଗର, ବାଣୀବିହାର ଗେଟ୍ ନଂ-୩ ପାଖ, ପୂର୍ବାହ୍ନ ୧୦ଟା।
- ନାଟକ 'ଟୁ ଆଡରେବଲ୍ ଲୁଜର୍' ମଞ୍ଚସ୍ଥ, କିଟ୍ କ୍ୟାମ୍ପସ୍-୬, ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା ୪୫।
- ନ୍ୟୁଜ୍ ୮ ଓଡ଼ିଆର ପୁନଃ ଶୁଭାରମ୍ଭ, ନ୍ୟୁଜ୍ ୮ ଟେଲିଭିଜନ୍ ନେଟ୍‌ୱର୍କ, ଖାରବେଳ ନଗର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଶହୀଦନଗର ସାଂସ୍କୃତିକ ସମିତି ଆନୁକୂଲ୍ୟରେ ରଥଯାତ୍ରା ଉତ୍ସବ, ଶ୍ରୀବିଷ୍ଣୁ ମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୩ଟା।
- ପଞ୍ଚଦଶ ରଥଯାତ୍ରା ଉତ୍ସବ-୨୦୨୨, ଡି.ଏଲ୍. କଲୋନୀ, ବୀର ସୁରେନ୍ଦ୍ର ସାଏ ନଗର, ରଥଟଣା ଅପରାହ୍ନ ୩ଟା ୩୦।
- ରେସିଡେଣ୍ଟ୍ସ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚାଯାତ୍ରାର ରଥଟଣା, ଶୈଳଶ୍ରୀବିହାର, ଅପରାହ୍ନ ୪ଟା ୫ ମିନିଟ୍।

ବାଲିଅନ୍ତା

- ଶ୍ରୀ ପତିତପାବନ ଦେବଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ଉତ୍ସବ, କାକରୁଦ୍ରପୁର ରଥଦାଣ୍ଡ, ପହଣ୍ଡି ପୂର୍ବାହ୍ନ ୧୧ଟା, ରଥଟଣା ଅପରାହ୍ନ ୩ଟା।
- ଅଣ୍ଡିଲୋ, ପାଟଣା, ଅଟଳା, ବଇଁଚୁଆ, ଧବଳାହାର, ଭିଙ୍ଗାରପୁର, କେନ୍ଦୁଲି, ବେଣୁପୁର ଖୁଣ୍ଟିଆସାହି ଓ ଜଗନ୍ନାଥ ଛକରେ ରଥଯାତ୍ରା, ଅପରାହ୍ନ ୩ଟା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଜୁଲାଇ, ୨୦୨୨

## ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**ପୁରୀ ଅଫିସ:** ରଥଯାତ୍ରା ଉପଲକ୍ଷେ ଭୋଳାନାଥ ବିଦ୍ୟାପୀଠ ଖେଳପଡ଼ିଆରେ ଓର୍‌ମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ୍, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସମନ୍ତରାୟ, ଜିଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଏବଂ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମେଳରେ ସ୍ୱଂୟ ସହାୟକ ଗୋଷ୍ଠୀ ଏବଂ ବ୍ୟବସାୟୀ ପସରା ମେଲାଇଛନ୍ତି।



# ଫଟୋଚିତ୍ରରେ ଜଗନ୍ନାଥ ସଂସ୍କୃତି

## ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ

**ଭୁବନେଶ୍ୱର, ୩୦।୬(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ପୁରୀଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ସ୍ଥାନୀୟ ଭୋଳାନାଥ ବିଦ୍ୟାପୀଠ ଠାରେ ପଲ୍ଲୀଶ୍ରୀ ମେଳା ପରିସରରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିବା ପରେ ଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟର ବିକାଶଧାରାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିବାରୁ ଏହା ଦର୍ଶକମାନଙ୍କୁ ଅନେକ ତଥ୍ୟ ପ୍ରଦାନ କରିବ ବୋଲି କହିଛନ୍ତି। ଏହି ପ୍ରଦର୍ଶନୀ ଜୁଲାଇ ୯ ତାରିଖ (ବାହୁଡ଼ା ଯାତ୍ରା) ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲାରହିବ। ଓର୍‌ମାସ୍ ପ୍ରଦର୍ଶନୀ ସହ ଆୟୋଜିତ ଏହି ପ୍ରଦର୍ଶନୀରେ ଉଭୟ ଫଟୋଚିତ୍ର ସହିତ ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ବିକାଶର ଚିତ୍ର ଭିଡିଓ ମାଧ୍ୟମରେ ବଡ଼ ପରଦାରେ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ହୋଇଛି। ଏହି ଫଟୋଚିତ୍ର ପ୍ରଦର୍ଶନୀ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରାଚୀନ ଚିତ୍ର ଛବି, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ପର୍ବପର୍ବାଣି, ଶ୍ରୀଜଗନ୍ନାଥଙ୍କ ବେଶବୈଶିଷ୍ଟ୍ୟ ସହ ବିଭିନ୍ନ ସମୟରେ ହୋଇଥିବା ନବକଳେବରର ବିରଳ ଫଟୋଚିତ୍ର ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିବର୍ତ୍ତିତ ଚିତ୍ର ସ୍ଥାନିତ ହୋଇଛି। ଏହି ଫଟୋଚିତ୍ର ଉଦ୍‌ଘାଟନ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୁରୀ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ (ପ୍ରଦର୍ଶନୀ) ସୂର୍ଯ୍ୟରଞ୍ଜନ ମହାନ୍ତି, ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ, ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏବଂ ଅନ୍ୟ ଅତିଥିମାନେ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।

## ଜଙ୍ଗଲରେ ଜଳିଗଲା ଲକ୍ଷାଧିକ ଟଙ୍କାର ଗଛ

**ନିମାପଡ଼ା,୩୦।୬(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ବଡଶିରିବିଲା ପଞ୍ଚାୟତର ଗଡତୋରିହିଁ ଗ୍ରାମ୍ୟ ଜଙ୍ଗଲରେ ଗୁରୁବାର ମଧ୍ୟାହ୍ନରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ପ୍ରାୟ ୨ ଏକର ଜଙ୍ଗଲ ନିଆଁରେ ପୋଡିଯାଇଛି। ଜଙ୍ଗଲରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ଝାଉଁ, କାଜୁ, ବାଉଁଶ ସମେତ ବିଭିନ୍ନ କିସମର ବହୁ ଗଛ ପୋଡି ନଷ୍ଟ ହୋଇଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜଙ୍ଗଲ ପ୍ରାୟର ପୋଡିଯାଇଥିଲା। ବାକି ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଆୟତ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଗ୍ରାମବାସୀ ଓ ଅଗ୍ନିଶମ ସେବାସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି।

# ଗୁଣ୍ଡିଚା ମନ୍ଦିର ସମ୍ମୁଖ ମାଜଣା ହେଲା

**ପୁରୀ ଅଫିସ, ୩୦।୬**

ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଗୌଡୀୟ ବୈଷ୍ଣବମାନଙ୍କ ପକ୍ଷରୁ ଗୁଣ୍ଡିଚା ମନ୍ଦିର ମାର୍ଜନା କରାଯାଇଥାଏ। ଏହି ପରମ୍ପରାକୁ ପାଥେୟ କରି ଗୁରୁବାର ଆଷାଢ ଶୁକ୍ଳ ପ୍ରତିପଦା ତିଥିରେ ଗୌଡୀୟ ବୈଷ୍ଣବଙ୍କ ପକ୍ଷରୁ ଶ୍ରୀଗୁଣ୍ଡିଚା ସମ୍ମୁଖ ମାଜଣା କରାଯାଇଥିଲା। ଗୌଡ଼ୀୟ ବୈଷ୍ଣବଙ୍କ ସହ ବଙ୍ଗୀୟ ଭକ୍ତ ଓ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ରାଧାକାନ୍ତ ମଠରୁ ସାଧୁସନ୍ଥମାନେ ଆସି ମାର୍ଜନା କରିବା ସହ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରିଥିଲେ। ସୂଚନାଯୋଗ୍ୟ, ପ୍ରାୟ ୫୦୦ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି। ପୂର୍ବକାଳରେ ଗୁଣ୍ଡିଚାମନ୍ଦିର ପରିସର ପରିତ୍ୟକ୍ତ ଅବସ୍ଥାରେ ରହୁଥିଲା। କେବଳ ରଥଯାତ୍ରା ୯ଦିନ ଚତୁର୍ଦ୍ଧାବିଗ୍ରହ ଏଠାରେ ଅବସ୍ଥାନ କରୁଥିବାରୁ ଭକ୍ତମାନେ ଦର୍ଶନ ପାଇଁ ଆସୁଥିଲେ। ଦାରୁଦିଅଁ ବିଦାୟ ନେବା ପରେ ବର୍ଷର ଅନ୍ୟ ଦିନ ଏଠାରେ ବାବନା ଭୂତ ରହୁଥିବା ଜନଶ୍ରୁତି ରହିଛି। ତେଣୁ ରଥଯାତ୍ରା ପୂର୍ବଦିନ ଗୁଣ୍ଡିଚା ମନ୍ଦିର ପରିସରକୁ ଗୌଡ଼ୀୟ ବୈଷ୍ଣବ ସାଧୁସନ୍ଥ ଓ ଭକ୍ତମାନେ ଆସି ମାର୍ଜ୍ଜନା କରିବା ସହ ଗର୍ଭଗୃହ ପ୍ରଭୃତିକୁ ସଫା କରିଥାନ୍ତି। ଏହାପରେ ଗୁଣ୍ଡିଚା ମନ୍ଦିରରୁ ବାବନା ଭୂତ ବିଦା ହୋଇଥାଏ ବୋଲି ବିଶ୍ୱାସ ରହିଛି।







# ବିଭିନ୍ନ ପ୍ରକଳ୍ପ ଦେଖିଲେ ପଞ୍ଚାୟତିରାଜ ମନ୍ତ୍ରୀ

**ପିପିଲି,୩୦।୬(ଡି.ଏନ୍.ଏ.):** ରାଜ୍ୟ ପଞ୍ଚାୟତିରାଜ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ଗୁରୁବାର ପିପିଲି ବ୍ଲକ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅପରାହ୍ନ ସାଢେ ୩ଟା ସମୟରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ୫-ଟିରେ ରୂପାନ୍ତରିତ ହୋଇଥିବା ଜବାହର ବିଦ୍ୟାପୀଠକୁ ପରିଦର୍ଶନରେ ସେଠାକାର ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ବିଜ୍ଞାନାଗାର, ଲାଇବ୍ରେରି, ଖେଳପଡିଆ ଆଦି ବୁଲି ଦେଖିଥିଲେ। ପରେ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସହ ସେ ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରିଥିଲେ। ପିପିଲି ବ୍ଲକର ବିଭିନ୍ନ ସରକାରୀ ପ୍ରକଳ୍ପ ଓ ଯୋଜନା ସମ୍ପର୍କିତ ପ୍ରସ୍ତୁତ ଏକ ଛୋଟ ଭିଡିଓ (ପିପିଟି) ମାଧ୍ୟମରେ ମନ୍ତ୍ରୀଙ୍କୁ ବିଡିଓ ରଶ୍ମିତା ନାଥ ବିସ୍ତୃତ ସୂଚନା ଦେଇଥିଲେ। ବିଭିନ୍ନ ଏସ୍‌ଏଚ୍‌ଜି ପକ୍ଷରୁ ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀକୁ ମହିଳାମାନେ ମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ଉନ୍ନୟନମୂଳକ କାର୍ଯ୍ୟରେ ପିପିଲି ବ୍ଲକ ଆଗେଇ ଚାଲିଥିବା ସମ୍ପର୍କରେ ମନ୍ତ୍ରୀ ପ୍ରକାଶ କରିବା ସହ ପିପିଲି ବ୍ଲକର ଉନ୍ନତି ପାଇଁ ବିଧାୟକଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ପିପିଲି ବ୍ଲକ ପରିସରରେ ଥିବା 'ମିଶନ ଶକ୍ତି କାଫେ'କୁ ମନ୍ତ୍ରୀ ପରିଦର୍ଶନ କରି ସେଠାରେ ଚକୁଳି ପିଠା, ମଟର ଘୁଘୁନି, ଛେନାଝିଲି, ପକୁଡି ଆଦି ଭୋଜନ କରି 'କାଫେ'କୁ ଉଚ୍ଚ ପ୍ରଶଂସା କରିଥିଲେ। ଅପରାହ୍ନ ୫ଟା ସମୟରେ ଦୁର୍ଗାଦାଶପୁର ପଞ୍ଚାୟତର ଠଣଠଣା ଗ୍ରାମସ୍ଥିତ ଗ୍ରାମୀଣ ଉଦ୍ୟାନକୁ ମନ୍ତ୍ରୀ ପରିଦର୍ଶନ କରିଥିଲେ। ପରେ ତେଇସିପୁର ପଞ୍ଚାୟତର ନୂଆଗୋଡିସ୍ଥିତ ନିର୍ମାଣଧୀନ ଅମୃତ ସରୋବର ପ୍ରକଳ୍ପକୁ ପରିଦର୍ଶନ କରି ସେଠାରେ ବୃକ୍ଷରୋପଣ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ମନ୍ତ୍ରୀଙ୍କ ସଚିବ ପ୍ରଦୀପ ରାଉତ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ ମଲ୍ଲିକ, ସୁଶ୍ରୀ ସଙ୍ଗୀତା ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛ ପରିବେଶ ସଚେତନତା

**ପୁରୀ ଅଫିସ, ୩୦।୬**

ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଅବସରରେ ବୁଧବାର ଶ୍ରୀଜଗନ୍ନାଥ ବ୍ରତର ଶୁଭାରମ୍ଭ ହୋଇଛି। ଶ୍ରୀକ୍ଷେତ୍ରବାସୀ ପକ୍ଷରୁ ବଡ଼ଦାଣ୍ଡରେ ସଂକଳ୍ପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପରିବେଶ ସୁରକ୍ଷା ବର୍ତ୍ତା ଦେବା ସହ କାର୍ଯ୍ୟକ୍ରମର ସଫଳତା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ସମ୍ମୁଖରେ ଦୀପଦାନ କରାଯାଇଥିଲା। ଚଳିତବର୍ଷ ବିଶ୍ୱବାସୀଙ୍କୁ ସ୍ୱଚ୍ଛ ରଥଯାତ୍ରାର ଅନୁଭବ ଦେବାକୁ ଆହ୍ୱାନ ଦିଆଯାଇଛି। ଏଠିସେଠି ଅଳିଆ ନ ପକାଇବା, ଥରେ ମାତ୍ର ବ୍ୟବହାରଯୋଗ୍ୟ ପଲିଥିନ୍ ବ୍ୟବହାରଠାରୁ ଦୂରେଇବା ଓ ଗଛ ବଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି। ଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଶୋଭାଯାତ୍ରାକାରୀ ବାହାରି ପ୍ରଚାରପତ୍ର ବଣ୍ଟନ କରି ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଶଙ୍କର ପଣ୍ଡା, ପ୍ରଫେସର ପ୍ରିୟର୍ଜିତ୍ ମହାପାତ୍ର, ବିଶ୍ୱନାଥ ନାୟକ, ସୁକାନ୍ତ ପଣ୍ଡା, ଅଭିଜିତ୍ ସାହୁ, ମନୋଜ ସାହୁ, ଶୁଭଶ୍ରୀ ବେହେରାଙ୍କ ସମେତ ବହୁ ବିଦ୍ୟାର୍ଥୀ ଓ ନାଗରିକ ସାମିଲ ଥିଲେ।












# ରେଳମନ୍ତ୍ରୀଙ୍କ ଦ୍ୱାରା ୩ ନୂତନ ବିଲ୍ଡିଂ ଉଦ୍‌ଘାଟିତ

ଜଟଣୀ,୩୦।୬(ଡି.ଏନ୍.ଏ.)




ଖୋର୍ଦ୍ଧା ରେଳଷ୍ଟେଶନର ନୂତନ ବିଲ୍ଡିଂ ଉଦ୍‌ଘାଟନ ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଓ ଅନ୍ୟମାନେ।

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୭ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ନୂତନ ବିଲ୍ଡିଂକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାଏଙ୍କ ସମେତ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶରତ କୁମାର ଶ୍ରୀବାସ୍ତବ ମଞ୍ଚାସୀନ ଥିଲେ। ରେଳ ମହାପ୍ରବନ୍ଧକ ଶ୍ରୀବାସ୍ତବ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶାରେ ରେଳ ପ୍ରକଳ୍ପର ଅଗ୍ରଗତି ପୂର୍ବ ଭାରତର ବିକାଶ ଜ୍ୱଳନ୍ତ ପ୍ରତିଫଳନ ବୋଲି ପ୍ରଧାନ କହିଥିଲେ। ଏଥିସହ ଭିଡିଓ କନଫରେନ୍ସ ମାଧ୍ୟମରେ ପାଟିଆ ପିଏଚ ଏବଂ ବାଣୀବିହାର ପାସେଞ୍ଜର ହଲ୍ଟ(ପିଏଚ୍)ର ନୂତନ ବିଲ୍ଡିଂକୁ କେନ୍ଦ୍ର ରେଳମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରୋନ୍ତ ଏକ୍ସପ୍ରେସ ଏଲଏଚବି ରେକ୍, ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସର ଏଲଏଚବି ରେକକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜଟଣୀ ୟୁଥ ଫେଡେରେଶନ ଓ ପୌର ପରିଷଦ ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ନାମକୁ ଜଟଣୀ ରେଳ ଷ୍ଟେଶନ ନାମରେ ନାମିତ କରାଯିବା ଲାଗି କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ନିୟମିତ ରେଳ ଷ୍ଟେଶନ ହେଲା ବୋଲଗଡ଼ ଟାଉନ ପିଏଚ୍

ବୋଲଗଡ଼,୩୦।୬(ଡି.ଏନ୍.ଏ.)

ବୋଲଗଡ଼ ଟାଉନ ପାସେଞ୍ଜର ହଲ୍ଟ(ପିଏଚ୍)କୁ ନିୟମିତ ରେଳ ଷ୍ଟେଶନ ଭାବେ ଗୁରୁବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ରଥଯାତ୍ରା ଦିନଠାରୁ ଏହି ଷ୍ଟେଶନ ନିୟମିତ ରେଳ ଷ୍ଟେଶନ ଭାବେ କାର୍ଯ୍ୟ କରିବା ସହ ଏଠାରେ ସେବା ଏକ୍ସପ୍ରେସ ରହଣି କରିବ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନୂଆଗାଁଠାରେ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଯୋଗଦେବାକୁ ସ୍ୱତନ୍ତ୍ର ଟ୍ରେନରେ ଯାଉଥିବା ବେଳେ ବୋଲଗଡ଼ ପିଏଚ୍‌ଠାରେ ଓହ୍ଲାଇ ଏହି ଘୋଷଣା କରିଥିଲେ। ବୋଲଗଡ଼ ରେଳ କ୍ରିୟାନୁଷ୍ଠାନ କମିଟିର ରବୀନ୍ଦ୍ର କୁମାର ପରିଡା, କୃଷ୍ଣ ମୋହନ ପାଲଟାସିଂହ, ବିଶ୍ୱଜିତ ସ୍ୱାଇଁ, ହରିବନ୍ଧୁ ସାହୁ, ଦିବାକର ପରମଗୁରୁ, ଗୋପୀନାଥ ଖାଡଙ୍ଗା, ଗୁଣନିଧି ହୋତା ପ୍ରମୁଖ ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସାନପଦର ଠାରେ ପାସେଞ୍ଜର ହଲ୍ଟ ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ।ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର କରନ, ଷ୍ଟେଶନ ମାଷ୍ଟର ମୋହନ ବାବୁ ଏବଂ ଟିକେଟ ବୁକିଂ ଏଜେଣ୍ଟ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ବୋଲଗଡ଼ ଥାନା ନିରୀକ୍ଷକ ବିଦିତା ନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।

# ୧୦ ବାଇକ୍ ଜବତ, ଲୁଟେରା ଗିରଫ

ଖୋର୍ଦ୍ଧା ଅଫିସ,୩୦।୬

ଖୋର୍ଦ୍ଧା ପୋଲିସ ଗୁରୁବାର ଜଣେ ବାଇକ୍ ଲୁଟେରାକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦୁଲଣପୁର ଅଞ୍ଚଳର ପ୍ରଶାନ୍ତ କୁମାର ଲେଙ୍କା(୩୦)। ତାଙ୍କ ନିକଟରୁ ୧୦ଟି ଚୋରି ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ଗତ ମେ ୨୫ ତାରିଖରେ ଏକ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଆଇଆଇସି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। ଗୁରୁବାର ଏହି ଟିମ୍ ପ୍ରଶାନ୍ତଙ୍କୁ ଧରିବା ସହ ତାଙ୍କ ଠାରୁ ୧୦ଟି ବାଇକ୍ ଜବତ କରିଥିଲା। ଏହି ଟମ୍‌ରେ ଏସ୍‌ଆଇ ସୁକାନ୍ତ ଦଳାଇ, ଏଏସ୍‌ଆଇ ପ୍ରଦୀପ କୁମାର ପ୍ରଧାନ, ଅକ୍ଷୟ କୁମାର ସେଠୀ, ଅବଦୁଲ ମସି ଖାନ, ପ୍ରଦୀପ କୁମାର ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

# ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୨ ଗିରଫ

**ବେଗୁନିଆ,୩୦।୬(ଡି.ଏନ୍.ଏ.):** ବେଗୁନିଆ ଥାନା ଅଞ୍ଚଳରେ ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ବେଗୁନିଆ ପୋଲିସ ଡିଙ୍ଗର, ରାଉତପଡା, ଦେଉଳି, ପରିଛଳ ଖଣିରେ ଚଢାଉ କରି ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଚାଳକଦ୍ୱୟ ହେଲେ ଖୋର୍ଦ୍ଧା ସଦର ଅନ୍ତର୍ଗତ ବରପଦା ଗ୍ରାମର ସନ୍ତୋଷ କୁମାର ରଣସିଂହ ଏବଂ ଲୋକନାଥ ପରିଡ଼ା। ତେବେ ଚଢ଼ାଉ ପୂର୍ବରୁ ଖବରପାଇ ମାଫିଆ ଓ କଟାଳିମାନେ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୋଲିସ ଦୁଇଟି ମାମଲା (ନଂ.୧୫୬, ୧୫୭/୨୨) ରୁଜୁକରି ତଦନ୍ତ ଚଳାଇଛି।

# ୫ ପ୍ରତିମୂର୍ତ୍ତି ଅନାବରଣ

ଟାଙ୍ଗୀ(ଖୋର୍ଦ୍ଧା), ୩୦।୬ (ଡି.ଏନ୍.ଏ.)

ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚ ଓ କ୍ଲବ-୭୮ର ମିଳିତ ଉଦ୍ୟମରେ ଗୁରୁବାର ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ଶହୀଦ ଜୟକୃଷ୍ଣ ରାଜଗୁରୁ ମହାପାତ୍ର (ଜୟୀ ରାଜଗୁରୁ)ଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର ପ୍ରଭାକର ତ୍ରିପାଠୀ, ପ୍ରସନ୍ନ ହୋତା, ବାସୁଦେବ ସାହୁ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ପ୍ରସନ୍ନ ରଥ, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ନା ମାନ୍ଧାତା, ରାମଚନ୍ଦ୍ର ମହାପାତ୍ର, ମଧୁସୂଦନ ସେନାପତି, ବିଜୟ ରାଉତ, ପରିଚାଳନା କମିଟି ସଭାପତି ସୁନୀଲ ମହାନ୍ତି ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ ପଲାଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଧନ୍ୟବାଦ ଦେଇଥିଲେ।

# ‘ତୃଣମୂଳ ସ୍ତରରେ ସଙ୍ଗଠନ ସୁଦୃଢ଼ କର’

**ଖୋର୍ଦ୍ଧା ଅଫିସ,୩୦।୬:** ଖୋର୍ଦ୍ଧା ଜିଲା ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଗୁରୁବାର ସ୍ଥାନୀୟ ଜୟୀ ରାଜଗୁରୁ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆପ୍‌ର ଓଡ଼ିଶା ପ୍ରଭାରୀ ବୀରେନ୍ଦ୍ର ସିଂ କାଡିଆନ ଓ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିଥିଲେ। ଅରବିନ୍ଦ କେଜରିୱାଲଙ୍କ ଦିଲ୍ଲୀ ମଡେଲ ଭାବେ ଓଡ଼ିଶାରେ ପରିବର୍ତ୍ତନ ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ପଞ୍ଜାବ ପରେ ଅନ୍ୟ ରାଜ୍ୟରେ ମଧ୍ୟ ଆପ୍ ଜନମତ ହାସଲ କରିବ। ତୃଣମୂଳ ସ୍ତରରେ ସଙ୍ଗଠନ ସୁଦୃଢ ଲାଗି ଆହ୍ୱାନ ଦେଇଥିଲେ। ରାଜ୍ୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ, ଜିଲା ସମ୍ପାଦକ ସୁନୀଲ ଷଡ଼ଙ୍ଗୀଙ୍କ ସମେତ ପ୍ରଶାନ୍ତ କୁମାର ରଣସିଂହ, ପୀତବାସ ନାୟକ, ଦଣ୍ଡପାଣି ଜେନା, କଳ୍ପତରୁ ପଣ୍ଡା, ସଞ୍ଜୟ ଜେନା ପ୍ରମୁଖ ସଙ୍ଗଠନର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ କହିଥିଲେ। ଜିଲା ସଭାପତି ଶୁଭାଶିଷ ସାଇଁ ପାର୍ଟିର ବିଚାରକୁ ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଗଡଖୋର୍ଦ୍ଧାସ୍ଥିତ ପଞ୍ଚପାଇକ ବୀରଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପରେ ଇସ୍କନ ମନ୍ଦିର ସମ୍ମୁଖରୁ ବାଇକ ଶୋଭାଯାତ୍ରାରେ ବାହାରି ଟାଉନ ହଲଠାରେ ପହଞ୍ଚିଥିଲେ। ସଂଗ୍ରାମ କେଶରୀ, ଭ୍ରମରବର ରାୟ, ଜଳଧର ସାହୁ, ଦୁର୍ଗାପ୍ରସାଦ ଦାଶ, ସମରେନ୍ଦ୍ର ଦ୍ୱିବେଦୀ ସହଯୋଗ କରିଥିଲେ।















ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ଜୁଲାଇ, ୨୦୨୨

## 'ସମାଜରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**କଟକ ଅଫିସ:** ସିଡିଏ ସେକ୍ଟର-୯ସ୍ଥିତ ମର୍କତନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ସାମୂହିକ କର୍ମଶାଳା ଗୁରୁବାର ଉଦ୍‌ଘାପିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମାଜରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ସଭାପତି କୁଞ୍ଜବିହାରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ଜିଲାର ୨୭ଟି ସରସ୍ୱତୀ ବିଦ୍ୟା ମନ୍ଦିରର ୧୮୫ ଜଣ ଗୁରୁମାଗୁରୁଜୀ ନୂତନ ଶିକ୍ଷା ନୀତି ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁକାନ୍ତ ସାହୁ ଅତିଥି ପରିଚୟ, ସଞ୍ଜୟ କୁମାର ଦଳାଇ ବିବରଣୀ ପାଠ, ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।



# ରେଳମନ୍ତ୍ରୀଙ୍କ ଦ୍ୱାରା ୩ ନୂତନ ବିଲ୍ଡିଂ ଉଦ୍‌ଘାଟିତ

ଜଟଣୀ,୩୦।୬(ଡି.ଏନ୍.ଏ.)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ୭ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନର ନୂତନ ବିଲ୍ଡିଂକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଖୋର୍ଦ୍ଧାରୋଡ ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାଏଙ୍କ ସମେତ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଶରତ କୁମାର ଶ୍ରୀବାସ୍ତବ ମଞ୍ଚାସୀନ ଥିଲେ। ରେଳ ମହାପ୍ରବନ୍ଧକ ଶ୍ରୀବାସ୍ତବ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶାରେ ରେଳ ପ୍ରକଳ୍ପର ଅଗ୍ରଗତି ପୂର୍ବ ଭାରତର ବିକାଶ ଜ୍ୱଳନ୍ତ ପ୍ରତିଫଳନ ବୋଲି ପ୍ରଧାନ କହିଥିଲେ। ଏଥିସହ ଭିଡିଓ କନଫରେନ୍ସ ମାଧ୍ୟମରେ ପାଟିଆ ପିଏଚ ଏବଂ ବାଣୀବିହାର ପାସେଞ୍ଜର ହଲ୍ଟ(ପିଏଚ୍)ର ନୂତନ ବିଲ୍ଡିଂକୁ କେନ୍ଦ୍ର ରେଳମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଭୁବନେଶ୍ୱର-ନୂଆଦିଲ୍ଲୀ ଦୁରୋନ୍ତ ଏକ୍ସପ୍ରେସ ଏଲଏଚବି ରେକ୍, ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସର ଏଲଏଚବି ରେକକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜଟଣୀ ୟୁଥ ଫେଡେରେଶନ ଓ ପୌର ପରିଷଦ ପକ୍ଷରୁ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ନାମକୁ ଜଟଣୀ ରେଳ ଷ୍ଟେଶନ ନାମରେ ନାମିତ କରାଯିବା ଲାଗି କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଖୋର୍ଦ୍ଧା ରେଳଷ୍ଟେଶନର ନୂତନ ବିଲ୍ଡିଂ ଉଦ୍‌ଘାଟନ ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟକ ଓ ଅନ୍ୟମାନେ।

# ପେଟାନାଳ ପୁନରୁଦ୍ଧାରରେ ଅବହେଳା

କଟକ ଅଫିସ, ୩୦।୬

ପେଟାନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣରେ ଅବହେଳାକୁ ନେଇ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ସିଡିଏ ସେକ୍ଟର-୧୦ ପେଟାନାଳ ରିଂରୋଡ୍ ନିକଟରେ ଜନସମ୍ପର୍କ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଥିଲା। ପରେ ବିଧାୟକ ମୋକିମ ପେଟାନାଳ ପାଣି ଭିତରେ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ମୋକିମ କହିଛନ୍ତି, ପେଟାନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ କଂଗ୍ରେସ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ଏପରି କି ନାଳର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ବିଧାନସଭା ଅଧିବେଶନ ସମୟରେ ମଧ ଏହାର ଉନ୍ନତୀକରଣ ପାଇଁ ଦାବି ଉପସ୍ଥାପନ କରିଛି। ଏହାଦ୍ୱାରା ନାଳର ସର୍ଭେ କରାଯାଇ ୩୬ କୋଟି ଟଙ୍କା ମଞ୍ଜୁରି କରାଯାଇଛି। ଅର୍ଥ ମଞ୍ଜୁର ହୋଇଥିଲେ ମଧ କାର୍ଯ୍ୟରେ ବିଳମ୍ବ କରାଯାଉଛି। ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ମୋକିମ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଜନସମ୍ପର୍କ ପଦଯାତ୍ରାରେ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ନିତ୍ୟାନନ୍ଦ ରାଉତରାୟ, କିଶୋର କର, ବାବାଜୀ ପଟ୍ଟନାୟକ, ଗିରିଜା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ନାଳ ପାଣିରେ ବିଧାୟକ ମହମ୍ମଦ ମୋକିମଙ୍କ ପ୍ରତିବାଦ




# ଅସରାଏ ବର୍ଷାରେ କଟକ ଜଳମଗ୍ନ

କଟକ ଅଫିସ, ୩୦।୬

- ଫେଲ୍ ମାରିଲା ଜଳ ନିଷ୍କାସନ ବ୍ୟବସ୍ଥା
- ମାଲଗୋଦାମରେ ପଶିଲା ପାଣି

ଗୁରୁବାର ମଧ୍ୟାହ୍ନରେ ଅସରାଏ ବର୍ଷାରେ କଟକର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଛି। ବିଶେଷକରି ମାଲଗୋଦାମର ଅମୂଲ ଡିପୋଠାରୁ ଦେବୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଆଣ୍ଠୁଏ ଉଚ୍ଚର ଜଳ ପ୍ରବାହିତ ହୋଇଥିଲା। ଏଥିସହ ଅନେକ ଗୋଦାମ ଗୃହରେ ମଧ ପାଣି ପଶିଥିଲା। ସେହିପରି ବାଦାମବାଡି ମୁଖ୍ୟ ରାସ୍ତା, ଫ୍ରେଣ୍ଡ୍ସ କଲୋନୀ, ଗହ୍ମାଡିଆ ଅଞ୍ଚଳ ରାସ୍ତାରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଥିଲା। ତାଳଦଣ୍ଡା କେନାଲ ପାଇଁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଥିମଧରେ ମାଲଗୋଦାମକୁ ଯାଇଥିବା କଲ୍‌ଭର୍ଟ ବନ୍ଦ କରି ଦିଆଯାଇଥିଲା। ଫଳରେ ଅସରାଏ ବର୍ଷାରେ ମାଲଗୋଦାମରେ ପାଣି ଜମିଥିଲା। ଏ ସମ୍ପର୍କରେ କଟକ ବଣିକ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ ପାତ୍ର କହିଛନ୍ତି, ଜଳମଗ୍ନ ଯୋଗୁ ମାଲଗୋଦାମ ବ୍ୟବସାୟୀଙ୍କୁ ପ୍ରାୟ ୪୦ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡିଛି। ସବୁ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟରେ ଆମେ ସହଯୋଗ କରୁଛୁ। ଯଦି ବିକଳ୍ପ ବ୍ୟବସ୍ଥା କରାଯାଇଥାନ୍ତା ତେବେ ଏତେ ମାତ୍ରାରେ କ୍ଷତି ସହିବାକୁ ପଡି ନ ଥାନ୍ତା। ଦୀର୍ଘ ସମୟ ପାଣି ଜମି ରହିବା ପରେ ବନ୍ଦ ଥିବା କଲଭର୍ଟକୁ ଖୋଲାଯାଇଥିଲା। ଫଳରେ ଜଳ ନିଷ୍କାସନ ହୋଇଥିଲା ବୋଲି ସେ କହିଛନ୍ତି। ଅପରପକ୍ଷେ ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ଅନେକ ଥର ବୈଠକ କରାଯାଇ ପଦକ୍ଷେପ ନିଆଯାଇଛି। ଏଥିପାଇଁ ନାଳ ସଫେଇ ସହ ପଙ୍କୋଦ୍ଧାର କରାଯାଉଛି। ଏପରି କି ଜଳ ନିଷ୍କାସନ ଲାଗି ୨୫୦ ପମ୍ପସେଟ୍ ମହଜୁଦ୍ ରଖାଯାଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଛି। ହେଲେ ଏତେସବୁ ପଦକ୍ଷେପ ନିଆଯିବା ସତ୍ତ୍ୱେ ଜଳ ନିଷ୍କାସନ ବ୍ୟବସ୍ଥା ଫେଲ୍ ମାରିଛି। ତେବେ ଏନେଇ ମେୟର ସୁବାସ ସିଂଙ୍କ ମତାମତ ମିଳିପାରିନାହିଁ।

# ଆଜିଠୁ ପଲିଥିନ ବ୍ୟବହାର ଉପରେ କଟକଣା

କଟକ ଅଫିସ, ୩୦।୬

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ଲାଷ୍ଟିକ ଏବଂ ସିଙ୍ଗିଲ ୟୁଜ ପଲିଥିନ ଉପରେ କଟକଣା ଲାଗୁ ହେବାକୁ ଯାଉଛି। ଜୁଲାଇ ୧ ତାରିଖରୁ ଏହାକୁ କଡାକଡି ଭାବରେ ପାଳନ କରାଯିବ ବୋଲି ଗତ କାଉନ୍‌ସିଲ ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ କହିଥିଲେ। ତେଣୁ ଶୁକ୍ରବାରଠାରୁ ସହରରେ ଏହି କଟକଣା ଲାଗୁ କରାଯିବ। ପ୍ରଥମେ ଲୋକଙ୍କୁ ସଚେତନ କରାଯିବ। କଟକଣା ନ ମାନିଲେ ଚଢଉ କରାଯାଇ ଜରିମାନା ଆଦାୟ କରାଯିବ। ବିଶେଷକରି ପଲିଥିନ ପ୍ରସ୍ତୁତ ହେଉଥିବା ସ୍ଥାନରେ ପ୍ରଥମେ ଚଢ଼ାଉ କରାଯିବ। ପଲିଥିନର ବିକଳ୍ପ କ'ଣ ରଖାଯିବ ସେନେଇ ସିଏମ୍‌ସି ଯୋଜନା କରୁଥିବାବେଳେ ଅନେକ ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଉଛି ବୋଲି କମିଶନର କହିଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଚାରାରୋପଣ, ବେଲ୍‌ଭ୍ୟୁ ପାର୍କ, ସକାଳ ୮ଟା।
- ରୁଚି ଶିଳ୍ପୋଦ୍ୟୋଗର ୪୭ତମ ପ୍ରତିଷ୍ଠା ଦିବସ, ଶ୍ରୀ ଲକ୍ଷେଶ୍ୱର ମଣ୍ଡପ, ରୁଚି ପରିସର, ମଧୁପାଟଣା, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ମେଡିକାଲ ଆସୋସିଏଶନ, କଟକ ଶାଖା ଓ ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଉତ୍କର୍ଷ ଦିବସ, ଆଇଏମ୍‌ଏ ରାଜ୍ୟ ମୁଖ୍ୟାଳୟ, ସନ୍ଧ୍ୟା ୭ଟା ୩୦।
















